# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 1 April - 2026

************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ଆଜି ପାଳନ କରୁଛି ତା'ର ୯୧ତମ ପ୍ରତିଷ୍ଠା ଦିବସ

— ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ; ରାଜ୍ୟସ୍ତରୀୟ ସମାରୋହରେ କହିଲେ ମୁଖ୍ୟମନ୍ତ୍ରୀ

- ଦେଶରେ ଆଜିଠାରୁ ଆରମ୍ଭ ହେଲା ଜନଗଣନା ପ୍ରକ୍ରିୟା

— ପ୍ରଥମ ପର୍ଯ୍ୟାୟରେ ୧୫ ତାରିଖ ପର୍ଯ୍ୟନ୍ତ କରାଯିବ ସ୍ୱଗଣନା

- ସେବା ଓ ସୁରକ୍ଷା ଓଡ଼ିଶା ପୁଲିସ୍‌ର ମୂଳମନ୍ତ୍ର; ୯୧ତମ ପ୍ରତିଷ୍ଠା ଦିବସରେ କହିଲେ ପୁଲିସ୍ ମହାନିର୍ଦ୍ଦେଶକ

ଏବଂ

- ଆଜିଠାରୁ ଦେଶରେ ଲାଗୁ ହେଲା ନୂଆ ଆୟକର ଆଇନ୍

# ଓଡ଼ିଶା ଦିବସ-୨୦୨୬

ଓଡ଼ିଶା ପ୍ରଦେଶ ଗଠନ’ ଆଜି ୯୧ ବର୍ଷରେ ପଦାର୍ପଣ କରିଛି । ୧୯୩୬ ମସିହା ଏପ୍ରିଲ ମାସ ଆଜିର ଦିନରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ଗଠନ କରାଯାଇଥିଲା । ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଆଜି ଏକ ଗର୍ବ ଏବଂ ଗୌରବର ଦିନ ।

ଶୁଣନ୍ତୁ ଏ ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା......

ଓଡ଼ିଶା ପ୍ରଦେଶ କେବଳ ମାନଚିତ୍ର ରେଖାରେ ଅଙ୍କିତ ଏକ ରାଜ୍ୟ ନୁହେଁ; ଏହା ଆବେଗ, ସଂସ୍କାର ଓ ସମୃଦ୍ଧ ସଂସ୍କୃତିର ଗନ୍ତାଘର । ଓଡ଼ିଆ ଜାତିର ସ୍ୱାଭିମାନର ଗାଥା ଆଜି ବି ବିଶ୍ୱ ଦରବାରରେ ଗୁଞ୍ଜରିତ ହେଉଛି । ପୃଥିବୀର ୨୦ଟି ସମୃଦ୍ଧ ସଭ୍ୟ ଓ ସୃଜନଶୀଳ ଭାଷା ମଧ୍ୟରୁ ଓଡ଼ିଆ ଭାଷା ଅନ୍ୟତମ । ପରାଧୀନ ଶୃଙ୍ଖଳରୁ ମୁକ୍ତ ହୋଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କଠାରୁ ଆରମ୍ଭ କରି ସ୍ୱଭାବକବି ଗଙ୍ଗାଧର ମେହେର, କର୍ମବୀର ଗୌରୀଶଙ୍କର ରାୟଙ୍କ ପର୍ଯ୍ୟନ୍ତ ମହାନ୍ ବ୍ୟକ୍ତିତ୍ୱଙ୍କର ଓଡ଼ିଆ ଭାଷା, ସାହିତ୍ୟ ସହିତ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ୧୯୫୪ ମସିହାରେ ଭାଷା ଆଇନ୍ ସଂଶୋଧିତ ହୋଇ ଓଡ଼ିଆ ଭାଷା ସରକାରୀ ଭାଷାର ମାନ୍ୟତା ପାଇଥିଲା ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ସୁପ୍ରାଚୀନ ପରମ୍ପରା ତଥା ଓଡ଼ିଶାବାସୀଙ୍କ ଧୈର୍ଯ୍ୟ ଓ

ସହନଶୀଳତାର ସ୍ୱାକ୍ଷର ଆଜିର ଦିନ ବହନ କରେ। ବିକଶିତ ଭାରତ ନିର୍ମାଣରେ କୁଶଳୀ ଓ କର୍ମଠ ଓଡ଼ିଶାବାସୀଙ୍କ ଭୂମିକା ବେଶ୍ ଉଲ୍ଲେଖନୀୟ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍କଳ ଦିବସର ବିଶେଷ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇ କହିଛନ୍ତି, ଓଡ଼ିଶା ଏପରି ଏକ ରାଜ୍ୟ ଯାହା, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ମହାନତାର ଏକ ଶାଶ୍ୱତ ପ୍ରତୀକ ରୂପେ ସଗୌରବେ ଦଣ୍ଡାୟମାନ ରହିଛି।

ଓଡ଼ିଆ ସଂଗୀତ, କଳା ଏବଂ ସାହିତ୍ୟ ଭାରତକୁ ଅଗଣିତ ମାର୍ଗରେ ସମୃଦ୍ଧ କରିଛି। ଆଗାମୀ ଦିନରେ ରାଜ୍ୟ ପ୍ରଗତିର ନୂଆ ଶିଖର ଛୁଇଁବ। ପ୍ରଧାନମନ୍ତ୍ରୀ ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ରାଜ୍ୟର ଗୌରବଶାଳୀ ଇତିହାସ, ସଂସ୍କୃତି ଏବଂ ସଭ୍ୟତାଗତ ଐତିହ୍ୟର ବର୍ଣ୍ଣନା କରିଛନ୍ତି। ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶାର ସହଭାଗୀ ସଂକଳ୍ପ ହାସଲ ଦିଗରେ ଆଗକୁ ବଢ଼ିବା ପାଇଁ କେନ୍ଦ୍ର ସରକାର ସର୍ବଦା ଓଡ଼ିଶା ସହିତ ରହିଛନ୍ତି ବୋଲି ପତ୍ରରେ ଉଲ୍ଲେଖ କରିଛନ୍ତି।

**ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ସ୍ୱତନ୍ତ୍ର ଓଡ଼ିଶା ଗଠନ ଦିଗରେ ଅତୁଳନୀୟ ଅବଦାନ ରଖିଥିବା ମହାପୁରୁଷମାନଙ୍କୁ ସ୍ମରଣ କରିଛନ୍ତି।

କେନ୍ଦ୍ରଶିକ୍ଷାମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ,** ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡା, ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉତ୍କଳ ଦିବସର ଶୁଭେଚ୍ଛା ଜଣାଇଛନ୍ତି। ଭୁବନେଶ୍ୱର ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମହାନଗର ନିଗମ ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା।

ଓଡ଼ିଶାରେ ପଥର କଥା କୁହେ, ସମୁଦ୍ର ଗୀତ ଗାଏ ଏବଂ ଜଗନ୍ନାଥଙ୍କ ସଂସ୍କୃତି ସମସ୍ତଙ୍କୁ ଏକାଠି ବାନ୍ଧି ରଖେ। ଆସନ୍ତୁ ଆଜିର ଏହି ପବିତ୍ର ଦିନରେ ସମସ୍ତେ ମିଶି ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଶପଥ ନେବା।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

## ମୁଖ୍ୟମନ୍ତ୍ରୀ

ରାଜ୍ୟସ୍ତରୀୟ ଉତ୍କଳ ଦିବସ ସମାରୋହ ଆଜି **ପୁରୀ** ଜିଲ୍ଲା ସତ୍ୟବାଦୀଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସମାରୋହରେ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମତ ବ୍ୟକ୍ତ କରିଛନ୍ତି।

**- V/O - (CM)**

ମୁଖ୍ୟମନ୍ତ୍ରୀ ଏହି ଅବସରରେ ସତ୍ୟବାଦୀ ପାଇଁ ୫୮୫  କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି। ବକୁଳବନର ପୁନରୁଦ୍ଧାର ଓ ବିକାଶ ପାଇଁ ୯୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O - (CM)**

## ଓଡ଼ିଆ ପକ୍ଷ

ରାଜ୍ୟରେ ଆଜିଠାରୁ ଆରମ୍ଭ ହୋଇଛି ଓଡ଼ିଆ ଅସ୍ମିତାର ମହାକୁମ୍ଭ ଓଡ଼ିଆ ପକ୍ଷ-୨୦୨୬। ଏହା ମହାବିଷୁବ ସଂକ୍ରାନ୍ତୀ ପର୍ଯ୍ୟନ୍ତ ଚାଲିବ। ଓଡ଼ିଆ ଭାଷା,

ସଂସ୍କୃତି ଓ ସମୃଦ୍ଧ ଐତିହ୍ୟକୁ ବିଶ୍ୱ ଦରବାରରେ ସୁଦୃଢ଼ କରିବା ପାଇଁ ଏହି ପକ୍ଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

**ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ଓ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଆସନ୍ତା ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଛନ୍ତି।

**ମାଲକାନଗିରି** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଯୋଗଦେଇ ଓଡ଼ିଆ ଭାଷାର ମାଧୁର୍ଯ୍ୟ ଓ ଶ୍ରେଷ୍ଠତ୍ୱ ଅନନ୍ୟ ବୋଲି ମତ ବ୍ୟକ୍ତ କରିଛନ୍ତି।

## ଜନଗଣନା

ଦେଶରେ ଆଜିଠାରୁ ଜନଗଣନା ଆରମ୍ଭ ହୋଇଛି। ଜନସଂଖ୍ୟା, ଗୃହ ଓ ସାମାଜିକ ତଥା ଅର୍ଥନୈତିକ ସୂଚକ ଉପରେ ଜନଗଣନାରେ ବଡ଼ଧରଣର ତଥ୍ୟ ସଂଗ୍ରହ କରାଯିବ । ପ୍ରଥମ ପର୍ଯ୍ୟାୟରେ ୧୫ ଦିନ ଧରି ସ୍ୱ-ଗଣନା କରାଯିବ। ଜଣେ ନାଗରିକ se.census.gov.in ପୋର୍ଟାଲ୍ କମ୍ବା ମୋବାଇଲ୍ ଆପ୍ ଜରିଆରେ ୩୩ଟି ପ୍ରଶ୍ନର ଉତ୍ତର ଦେଇ ନିଜର ତଥ୍ୟ ପ୍ରଦାନ କରିପାରିବେ । ଜନଗଣନା କାର୍ଯ୍ୟାଳୟ ପକ୍ଷରୁ  ପ୍ରଥମ ଥରପାଇଁ ଡିଜିଟାଲ ଜନଗଣନା ଦେଶରେ ଆରମ୍ଭ ହେଉଛି। ଏହାପରେ ଆସନ୍ତା ୧୬ ତାରିଖରୁ ମଇ ମାସ ୧୫ ତାରିଖ ପର୍ଯ୍ୟନ୍ତ ଜନଗଣନାକାରୀମାନେ ଘରକୁ ଘର ବୁଲି

ତଥ୍ୟ ସଂଗ୍ରହ କରିବେ । ରାଜ୍ୟରେ ଜନଗଣନାପାଇଁ ୧ ଲକ୍ଷ ୨୦ ହଜାରରୁ ଅଧିକ ଶିକ୍ଷକ ଓ କର୍ମଚାରୀ ସାମିଲ୍ ହୋଇଛନ୍ତି । ଜନଗଣନା ସୂଚନା ଅଧିକାର ଆଇନ - ଆର.ଟି.ଆଇ. ପରିସରଭୁକ୍ତ ହେବ ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

**ନବରଙ୍ଗପୁର** ଜିଲ୍ଲାରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ସ୍ୱଗଣନା କରିଛନ୍ତି।

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣାସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜନଗଣନାର ସ୍ୱଗଣନା ପର୍ଯ୍ୟାୟକୁ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଶୁଭାରମ୍ଭ କରି ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।

**ମାଲକାନଗିରି** ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ପରିସରରୁ ଜନଗଣନା ରଥର ଶୁଭାରମ୍ଭ କରାଯାଇଛି। ଏହି ରଥ ମାଧ୍ୟମରେ ଗୃହଗଣନା ଓ ଜନଗଣନା ପ୍ରକ୍ରିୟା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଉଛି।

**ନୂଆପଡ଼ା** ଜିଲ୍ଲାରେ ଆଜିଠାରୁ ପ୍ରଥମ ପର୍ଯ୍ୟାୟ ଜନଗଣନା କାର୍ଯ୍ୟ ଆରମ୍ଭ ହୋଇଛି।

## ପ୍ରତିଷ୍ଠା ଦିବସ

ଓଡ଼ିଶା ପୁଲିସ୍ ଆଜି ୯୧ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ରାଜ୍ୟକୁ ସୁରକ୍ଷିତ ଶାନ୍ତିପୂର୍ଣ୍ଣ ଓ ନିଶାମୁକ୍ତ ଭାବେ ଗଢ଼ିବା ପାଇଁ ଓଡ଼ିଶା ପୁଲିସ୍ ସଂକଳ୍ପବଦ୍ଧ ବୋଲି ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିୟା କହିଛନ୍ତି। **କଟକ**ର ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ୍ ପଡିଆରେ ଆୟୋଜିତ ଓଡ଼ିଶା ପୁଲିସ୍‌ର ପ୍ରତିଷ୍ଠା ଦିବସରେ ଯୋଗଦେଇ ଶ୍ରୀ ଖୁରାନିୟା କହିଛନ୍ତି, ଓଡିଶା ପୁଲିସ୍‌ର ମୂଳମନ୍ତ୍ର ହେଉଛି, ସେବା ଓ ସୁରକ୍ଷା। ଏହା କେବଳ ଏକ ଶବ୍ଦ ନୁହେଁ, ଏହା ଆମର ପରିଚୟ। ମାଓବାଦୀ ଦମନ କ୍ଷେତ୍ରରେ ରାଜ୍ୟ ପୁଲିସ୍‌ର ଭୂମିକା ସମ୍ପର୍କରେ ଆଲୋକପାତ କରି ଶ୍ରୀ ଖୁରାନିୟା କହିଛନ୍ତି, ଏପର୍ଯ୍ୟନ୍ତ ୨୭ଜଣ ମାଓବାଦୀଙ୍କୁ ନିହତ କରାଯାଇଛି। ଏଥିସହ ୭୨ ଜଣ ମାଓବାଦୀ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି।

ପୁଲିସ୍ ବାହିନୀକୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ନୂତନ ପଦବୀ ସୃଷ୍ଟି, ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ବିଭିନ୍ନ ବାଟାଲିୟନ ଓ ୟୁନିଟ୍ ଗଠନ କରୁଛନ୍ତି।

**- V/O -**

ଏହି ଅବସରରେ ପୁଲିସ୍ ସେବାରେ ଉଲ୍ଲେଖନୀୟ କୃତୀତ୍ୱ ପ୍ରଦର୍ଶନ କରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

ଭୁବନେଶ୍ୱର ପୁଲିସ୍ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁଲିସ୍ କମିଶନର ଏସ୍.ଦେବଦତ୍ତ ସିଂ ଯୋଗଦେଇ କହିଛନ୍ତି, ଓଡ଼ିଶା ପୁଲିସ୍ ପୂର୍ଣ୍ଣ ସମର୍ପଣର ସହିତ ଜନସାଧାରଣଙ୍କ ସେବା କରି ଆସୁଛନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରେ ୯୧ତମ ପୁଲିସ୍ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି। **ଗଞ୍ଜାମ** ଜିଲ୍ଲାର ଛତ୍ରପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁଲିସ୍‌ର ଉଲ୍ଲେଖନୀୟ କାର୍ଯ୍ୟପାଇଁ ଦୁଇ ଜଣଙ୍କୁ ପୁରସ୍କୃତ କରାଯାଇଛି। **ମାଲକାନଗିରି** ଜିଲ୍ଲା ପୁଲିସ୍ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଯୋଗଦେଇ ପୁଲିସ୍ କର୍ମଚାରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। **ରାୟଗଡ଼ା** ଜିଲ୍ଲା ଚାନ୍ଦିଲିସ୍ଥିତ ରିଜର୍ଭ ପୁଲିସ୍ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ତ୍ତବ୍ୟରେ ଉଲ୍ଲେଖନୀୟ କାର୍ଯ୍ୟ ଦକ୍ଷତା ପାଇଁ କର୍ମଚାରୀମାନଙ୍କୁ ସମ୍ମାନୀତ କରିଛନ୍ତି।

## ଆୟକର ଆଇନ୍

ନୂତନ ଆୟକର ଆଇନ-୨୦୨୫ ଆଜିଠାରୁ କାର୍ଯ୍ୟକାରୀ ହୋଇଛି। ନୂତନ ଆର୍ଥିକ ବର୍ଷ ଆରମ୍ଭ ହେବା ସହିତ ଆର୍ଥିକ ନିୟମ ପରିବର୍ତ୍ତନ ନେଇ କେତେକ ସଂସ୍କାରମୂଳକ ପଦକ୍ଷେପ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଲାଗୁ କରାଯାଇଛି। ଦେଶରେ ସମସ୍ତ ଡିଜିଟାଲ ପେମେଣ୍ଟ ଦେଣନେଣକୁ ଦୁଇ ପର୍ଯ୍ୟାୟ ପ୍ରମାଣୀକରଣ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ।

ନୂଆ ଆଇନରେ ଟିକସ ଗଣନା ଏବଂ ଆଇଟିଆର ଫାଇଲ କରିବା ପାଇଁ ବ୍ୟବହାର କରାଯାଉଥିବା ଫର୍ମ-୧୬ କାର୍ଯ୍ୟକାରୀ ହେବନି। ଏହା

ବଦଳରେ ନୂତନ ଫର୍ମ-୧୩୦ ଲାଗୁ କରାଯାଇଛି। ଟିକସ ବ୍ୟବସ୍ଥାକୁ ଅଧିକ ସ୍ୱଷ୍ଟ, ଡିଜିଟାଲ ଏବଂ ସରଳ କରିବା ପାଇଁ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

## ସୁଭଦ୍ରା-ଆବେଦନ

ରାଜ୍ୟ ସରକାରଙ୍କ ମହିଳା କୈନ୍ଦ୍ରିକ ଯୋଜନା ସୁଭଦ୍ରାରେ ସାମିଲ ହେବା ଲାଗି ଆଜିଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ନୂତନ ହିତାଧିକାରୀମାନେ ଆସନ୍ତା ୩୦ ତାରିଖ ସୁଦ୍ଧା ଆବେଦନ କରିପାରିବେ । ୨୧ ବର୍ଷରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ତଥା ଅନ୍ୟ ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ମହିଳାମାନେ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରୁ ନିଃଶୁଳ୍କ ଫର୍ମ ନେଇ ଆବେଦନ କରିପାରିବେ ।

## ଦିବ୍ୟାଙ୍ଗ ଉପକରଣ

ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ସହାୟକ ଉପକରଣ ପ୍ରଦାନ କରାଯିବା ନେଇ ଆଜି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରତ୍ୟେକ ଉଚ୍ଚଶିକ୍ଷାନୁଷ୍ଠାନକୁ ତିନୋଟି ହ୍ୱିଲଚେୟାର ପ୍ରଦାନ କରାଯିବ। ବିଭାଗ ପକ୍ଷରୁ ଆଂଚଳିତ ଶିକ୍ଷା ନିର୍ଦ୍ଦେଶକ ଏବଂ ଉପନିର୍ଦ୍ଦେଶକଙ୍କୁ ଜିଲ୍ଲା ନୋଡାଲ ଅଧିକାରୀଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଉପକରଣ ବଣ୍ଟନ ପ୍ରକ୍ରିୟାର

ସଂପୂର୍ଣ୍ଣ ତଦାରଖ ଉଚ୍ଚଶିକ୍ଷା ବିଭାଗ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା କରାଯିବ।

## ଯୋଜନା କମିଟି

ରାଜ୍ୟ ସରକାର ୩୦ଟି ଜିଲ୍ଲା ପାଇଁ ଯୋଜନା କମିଟି ଗଠନ କରିଛନ୍ତି। କମିଟିର ଦାୟିତ୍ୱ ୪ ଜଣ ମନ୍ତ୍ରୀ ଓ ୨୬ ଜଣ ବିଧାୟକଙ୍କୁ ଦିଆଯାଇଛି।